**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ–୧୧୦୦୧**

**ଫୋ.ନଂ–୨୩୦୦୫୭୦୦, ଫା.ନଂ–୨୩୦୦୫୭୮୭**

**ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ମୁକ୍ତାର ଆବାସ ନକବୀଙ୍କ ପ୍ରେସ ବିଜ୍ଞପ୍ତି ।**

**ତା.୧୩.୧୨.୨୦୧୩**

ଭା.ଜ.ପା ର ଉପାଧ୍ୟକ୍ଷ ଓ କେନ୍ଦ୍ରୀୟ କାର୍ଯ୍ୟକ୍ରମର ସମନ୍ୱୟର ପ୍ରଭାରୀ ଶ୍ରୀ ମୁକ୍ତାର ଆବାସ ନକବୀ ପ୍ରକାଶ କରିଛନ୍ତି କି, ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପୂଣ୍ୟ ଜନ୍ମ ତିଥି ୧୫ ଡ଼ିସେମ୍ବର ଦିନ ରାଷ୍ଟ୍ରୀୟ ଏକତା, ଗୌରବ ଓ ସ୍ୱରାଜ ସହ ନିର୍ମାଣ ହେବାକୁ ଥିବା ' ରନ ଅଫ ୟୁନିଟ ' କାର୍ଯ୍ୟକ୍ରମରେ ଭା.ଜ.ପା ଅଂଶ ଗ୍ରହଣ କରିବ ।

ସେ ପ୍ରକାଶ କରିଛନ୍ତି କି, ଗୁଜୁରାଟର ମୁଖ୍ୟମନ୍ତ୍ରୀ ଏବଂ ଭା.ଜ.ପାର ପ୍ରଧାନମନ୍ତ୍ରୀ ପାର୍ଥୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଘୋଷିତ କରାଯାଇଅଛି କି, ଉକ୍ତ ମୁର୍ତ୍ତି ନିର୍ମାଣ ଉଦ୍ଦେଶ୍ୟରେ ଲୌହ ଏବଂ ମାଟି ସଂଗ୍ରହ କାର୍ଯ୍ୟକ୍ରମ ପୂର୍ବରୁ ଏହି 'ରନ ଅଫ ୟୁନିଟି' କାର୍ଯ୍ୟକ୍ରମ କରାଯିବ । ଏଥିରେ ସମସ୍ତ ସାମାଜିକ, ଧାର୍ମିକ, ସାଂସ୍କୃତିକ କ୍ରୀଡ଼ା ଏବଂ କଳା ସହ ସଂଶ୍ଳୀଷ୍ଟ ଜନତା ଅଂଶ ଗ୍ରହଣ କରିବେ । ଏହି ଦୌଡ଼ ଅନ୍ୟୁନ ଦୁଇ କି.ମି ପର୍ଯ୍ୟନ୍ତ କରାଯିବ । ଏଥିରେ କେନ୍ଦ୍ରୀୟ ନେତା ଓ ରାଜ୍ୟ ନେତାଙ୍କଠାରୁ ଆରମ୍ଭ କରି ବୁଥ ସ୍ତରର ନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ଯୋଗଦାନ କରିବେ । ସମଗ୍ର ଭାରତ ବର୍ଷର ମାଟି ଓ ଜନତାଙ୍କ ଅବଦାନରେ ଯେଉଁ ରାଷ୍ଟ୍ରୀୟ ତୀର୍ଥ ସ୍ଥାନ ହେବ ତାହା ଏକାତ୍ମ ଭାରତର ଗୌରବ ଓ ପ୍ରେରଣାର ଉତ୍ସ ସାବ୍ୟସ୍ଥ ହେବ ।

ଗୁଜୁରାଟର ସର୍ଦ୍ଦାର ସରୋବର ବନ୍ଧ ପାଖରେ ବିଶ୍ୱର ସବୁଠାରୁ ଉଚ୍ଚ ପ୍ରତିମାର ନିର୍ମାଣ ହେବ । ୫୬୫ଟି ରାଜୱାଡ଼କୁ ଏକତ୍ରିତ କରି ଭାରତରେ ମିଶାଇଥିବା ବଲ୍ଲଭଭାଇ ପଟେଲଙ୍କ ଉଦ୍ଦେଶ୍ୟରେ ଉକ୍ତ ଷ୍ଟାଚ୍ୟୁ ଅଫ ୟୁନିଟି ନିର୍ମାଣ କରାଯିବ । ଯାହାର ଉଚ୍ଚତା ଆମେରିକାର ' ଷ୍ଟାଚ୍ୟୁ ଅଫ ଲିବର୍ଟି ' (ଉଚ୍ଚତା ୯୩ ମିଟର ) ଠାରୁ ପ୍ରାୟ ଦୁଇଗୁଣ ଅଧିକ ହେବ । ଅର୍ଥାତ ୧୮୨ ମିଟର ବା ୬୦୦ ଫୁଟ । ଯାହା ୬୦ ମହଲା ପ୍ରସାଦଠାରୁ ଉଚ୍ଚ ହେବାର ଯୋଜନା କରାଯାଇଛି ।

ଏଥିରେ ସମଗ୍ର ଦେଶକୁ ଯୋଡ଼ିବା ପାଇଁ ନରେନ୍ଦ୍ର ମୋଦି ସମସ୍ତ ଗ୍ରାମର ସରପଞ୍ଚଙ୍କ ପାଖକୁ ପତ୍ର ପ୍ରେରଣ କରିଛନ୍ତି । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ରାଷ୍ଟ୍ରୀୟ ଏକତା ଟ୍ରଷ୍ଟ ନାମରେ ବିଦ୍ୟାଳୟ ମାନଙ୍କରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ, ସଂଗୀତ ପ୍ରତିଯୋଗୀତା ହେବା ସହ ଜିଲ୍ଲା ସ୍ତରରେ ପଟେଲଙ୍କ ଜୀବନ ଉପରେ ଆଧାରିତ ଲୋକଗୀତ ପ୍ରତିଯୋଗୀତା ମଧ୍ୟ କରାଯିବ ।

ଉକ୍ତ ଅଭିଯାନରେ ଏକ ହସ୍ତାକ୍ଷର ତାଲିକା ତିଆରି ହୋଇଛି । ନଗର, ସହର ତଥା ଗ୍ରାମର ସମସ୍ତ ଜନତା ତାହା ଉପରେ ହସ୍ତାକ୍ଷର କରିବେ । ଡ଼ିସେମ୍ବର ୧୬ ତାରିଖରୁ ୨୬ ତାରିଖ ମଧ୍ୟରେ ଗ୍ରାମର ପବିତ୍ର ମାଟି ଓ କୃଷକ ବ୍ୟବହାର କରୁଥିବା ଲୌହର କିଛି ଅଂଶ ସହ ଗ୍ରାମର ମୁଖିଆଙ୍କ ଫଟୋ ଆଣି ଏକତ୍ରିତ କରିବେ ।

ଉକ୍ତ ଲୌହ ସଂଗ୍ରହ କାର୍ଯ୍ୟକ୍ରମର ସଂଯୋଜକ ଶ୍ରୀ ଓମ ପ୍ରକାଶ ଧନକଡ଼ କହିଛନ୍ତି ତାଙ୍କର ଟିମ ପ୍ରତ୍ୟେକ ଗ୍ରାମକୁ ଯିବ ଓ ଖୁବ ଜାକ ଜମକରେ ଗ୍ରାମ ବାସୀ ତାଙ୍କ ଗ୍ରାମର ମାଟିକୁ ଭାବବିହ୍ୱଳତା ପୂର୍ବକ ବିଦାୟ ଦେବେ । ଜିଲ୍ଲା କାର୍ଯ୍ୟାଳୟରେ ସବୁ ଏକତ୍ରିକ ହେବା ପରେ ଗୁଜୁରାଟରୁ ଏକ ସୁସଜ୍ଜିତ ବାହନ ଆସି ସେସବୁକୁ ନେଇଯିବ । ଯାହାକୁ ସମସ୍ତେ ମହା ସମାରୋହରେ ବିଦାୟ ଦେବେ ।

ଶ୍ରୀ ଧନକଡ଼ କହିଛନ୍ତି କି, ଏହି ଅଭିଯାନ ସମ୍ପର୍କରେ ଜାଣିବାକୁ ଟୋଲ ଫ୍ରି ନଂ– ୧୮୦୦୨୩୩୩୧୧୦ ଓ www.runforunity.com , www..statueofunity.in ୱେବ ସାଇଟ ଖୋଲା ହୋଇଛି । ଶ୍ରୀ ମୋଦିଙ୍କର ରାଷ୍ଟ୍ରୀୟ ଏକତାରେ ଯୋଡ଼ା ହେବା ପାଇଁ ସମସ୍ତେ ୦୮୦୦୦୯୮୦୦୦୯ ନମ୍ବର ଡ଼ାଏଲ କରିପାରିବେ ।

ଶ୍ରୀ ନକବୀ କହିଛନ୍ତି ଶ୍ରୀ ଲାଲ କୃଷ୍ଣ ଆଡ଼ଭାନୀ ଅହମ୍ମଦାବାଦରେ, ଶ୍ରୀ ନରେନ୍ଦ୍ର ମୋଦି ବଡ଼ୌଦାରେ, ଶ୍ରୀ ରାଜନାଥ ସିଂହ, ଶ୍ରୀ ଅରୁଣ ଜେଟଲୀ, ଶ୍ରୀ ମୁରଲୀ ମନୋହର ଯୋଶୀ ଓ ଶ୍ରୀ ରାମଲାଲ ଦିଲ୍ଲୀରେ, ଶ୍ରୀମତୀ ସୁଷମା ସ୍ୱରାଜ ଭୋପାଲରେ, ଶ୍ରୀ ଏମ.ଭେଙ୍କୟା ନାଇଡୁ ଓ ଗୋପୀନାଥ ମୁଣ୍ଡେ ମୁମ୍ବାଇରେ , ଶ୍ରୀ ନୀତୀନ ଗଡ଼କରୀ ନାଗପୁରରେ, ଶ୍ରୀ ଅନନ୍ତ କୁମାର ବାଙ୍ଗାଲୁରରେ, ଶ୍ରୀ ଥାବର ଚନ୍ଦ୍ର ଗହଲୌତ ଇନ୍ଦୋରରେ, ମୁକ୍ତାର ଆବାସ ନକବୀ ଆଗ୍ରାରେ, ଶ୍ରୀ ଯଶୱନ୍ତ ସିହ୍ନା ଔରଙ୍ଗାବାଦରେ, ଶ୍ରୀ ରବି ଶଙ୍କର ପ୍ରସାଦ, ଶ୍ରୀ ସୁଶୀଲ କୁମାର ମୋଦି ଏବଂ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଟଣାରେ, ଶ୍ରୀ ଅମିତ ସାହା ହରିଆଣାରେ, ଶ୍ରୀ ପୁରୁଷୋତ୍ତମ ଭାଇ ରୂପାଲା ବିହାରରେ, ଶ୍ରୀ ମୁରଲୀ ଧର ରାଓ ଲକ୍ଷ୍ନୌରେ, ଶ୍ରୀ ରାଜୀବ ପ୍ରତାପ ରୁଡ଼ୀ ପଞ୍ଜାବରେ, ଶ୍ରୀ ପ୍ରକାଶ

ଜାଭେବକର ହାଇଦ୍ରାବାଦରେ, ଶ୍ରୀ ପିୟୁସ ଗୋଏଲ ବାଙ୍ଗାଲୁରରେ, ଶ୍ରୀ ବିନୟ କଟିୟାର କାନପୁରରେ, ଶ୍ରୀ ଏସ.ଏସ ଆହଲୁବାଲିଆ ଆସାମରେ, ଶ୍ରୀ ବଳବୀର ପୁଞ୍ଜ ମିରଟରେ, ଶ୍ରୀ ଚନ୍ଦନ ମିତ୍ର ଓଡ଼ିଶାରେ, ଶ୍ରୀ ଭୂପେନ୍ଦ୍ର ଯାଦବ ଜୟପୁରରେ, ଶ୍ରୀମତୀ ନିର୍ମଳା ସୀତାରାମନ ତାମିଲ ନାଡୁରେ, ଶ୍ରୀମତୀ ସ୍ମୃତି ଇରାନୀ ପଶ୍ଚିମବଙ୍ଗରେ, ଶ୍ରୀମତୀ ମୀନାକ୍ଷୀ ଲେଖି କେରଳରେ, ଶ୍ରୀ କଳରାଜ ମିଶ୍ର ଗାଜିଆବାଦରେ, କ୍ୟାପ୍ଟେନ ଅଭିମନ୍ୟୁ ପୁଦୁଚେରୀରେ, ଶ୍ରୀ ଶ୍ୟାମ ଜାଜୁ ଆଣ୍ଡାମାନ ନିକୋବରରେ, ଶ୍ରୀମତୀ ସରୋଜ ପାଣ୍ଡେ ରାୟପୁରରେ, ଶ୍ରୀ ଅନୁରାଗ ଠାକୁର ଜାମ୍ମୁରେ, ଶ୍ରୀ ଓମ ପ୍ରକାଶ ଧନକଡ଼ ଚଣ୍ଡିଗଡ଼ରେ, ଶ୍ରୀମତୀ ପୁନମ ମହାଜନ ମୁମ୍ବାଇରେ, ଶ୍ରୀ କିରଣ ରିଜ୍ଜୁ, ଶ୍ରୀ ରମଣ ଡ଼େକା ଓ ତାପିର ଗାଓଁ ଅରୁଣାଞ୍ଚଳ ପ୍ରଦେଶରେ, ଶ୍ରୀମତୀ ବିଜୟା ଚକ୍ରବର୍ତ୍ତୀ ଗୌହାଟିରେ, ଶ୍ରୀ ଅନୀଲ ଜୈନ ଦିଲ୍ଲୀରେ, ଶ୍ରୀ ଲକ୍ଷ୍ମୀ କାନ୍ତ ବାଜପେୟୀ ବାରଣାସୀରେ, ଶ୍ରୀ କେ.ଲଛମନ କର୍ଣ୍ଣାଟକରେ, ଶ୍ରୀ ହୁକୁମ ଦେବ ଯାଦବ ହରିଆଣାରେ, ଶ୍ରୀ ସିଦ୍ଧାର୍ଥ ନାଥ ସିଂହ ଏହ୍ଲାବାଦରେ, ଶ୍ରୀ ଶୀକାନ୍ତ ଶର୍ମା ମଥୁରାରେ, ଶ୍ରୀ ସରଜୂ ରାୟ ରାଞ୍ଚିରେ ଓ ଶ୍ରୀ ବିଜୟ ପାଲ ତୋମର ମୁରାଦାବାଦରେ ରହିବେ । ଏହା ବ୍ୟତୀତ ଅନ୍ୟାନ ବରିଷ୍ଠ ନେତୃବୃନ୍ଦ ଦେଶର ବିଭିନ୍ନ ସ୍ଥାନ ମାନଙ୍କରେ ଉପସ୍ଥିତ ରହିବେ ।

**ଅରୁଣ କୁମାର ଜୈନ**

**କାର୍ଯ୍ୟାଳୟ ସଚୀବ**